## ସମ୍ବଲପୁର, ସୁନ୍ଦରଗଡ଼, ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲାରେ ମିଳୁନି ଅଧିକାଂଶ ଔଷଧ

# ୪ ଜିଲ୍ଲାରେ 'ନିରାମୟ' ଅବ୍ୟବସ୍ଥା

**ଚିତ୍ତରଞ୍ଜନ ପଣ୍ଡା, ଭୁବନେଶ୍ୱର ୧୫।୪:**

ଯେତେ ଯାହା ନିୟମ କଲେ ମଧ୍ୟ ସୁଧୁରୁନାହିଁ ନିରାମୟ ଯୋଜନା। ମାତ୍ର ୬ ମାସ ତଳେ ଏହି ଯୋଜନାରେ ମାଗଣା ଔଷଧ ରୋଗୀଙ୍କୁ ମିଳୁନାହିଁ ବୋଲି ଅଭିଯୋଗ ଆସିଥିବା ବେଳେ ଏବେ ପୁଣି ୪ ଜିଲ୍ଲାରୁ ସମାନ ଅଭିଯୋଗ ଆସିଛି। ବିଶେଷ କରି ସମ୍ବଲପୁର, ସୁନ୍ଦରଗଡ଼, ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲାରେ ଏହି ଯୋଜନାରେ ରୋଗୀମାନଙ୍କୁ ଅଧିକାଂଶ ଔଷଧ ମିଳୁନାହିଁ। ଗତ ୩ ମାସ ହେଲା ଏଭଳି ଅଭିଯୋଗ ପହଞ୍ଚୁଥିବା ପରେ ଏ ଯାଏ ସରକାରୀସ୍ତରରେ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। କିନ୍ତୁ କେବଳ ରୋଗୀମାନେ ନୁହନ୍ତି, କେତେକ ସ୍ୱେଚ୍ଛାସେବୀ ସଂସ୍ଥା ଏ ନେଇ ସ୍ୱାସ୍ଥ୍ୟ ବିଭାଗକୁ ଅଭିଯୋଗ କରିବା ପରେ ଘଟଣାର ଯାଞ୍ଚ ପାଇଁ ରାଜ୍ୟ ଔଷଧ ନିଗମକୁ ଦାୟିତ୍ୱ ଦିଆଯାଇଛି। ନିଗମର ଏକ ୩ ଜଣିଆ ଟିମ୍ ବିଭିନ୍ନ ଜିଲ୍ଲାକୁ ଯାଇ ନିରାମୟ ଯୋଜନାରେ ଦିଆଯାଉଥିବା ଔଷଧଗୁଡ଼ିକ ରୋଗୀଙ୍କୁ ମିଳୁଛି କି ନାହିଁ, ତାହା ତଦାରଖ କରିବେ।

ସୁନ୍ଦରଗଡ଼ ଓ ସମ୍ବଲପୁର ଜିଲ୍ଲା ମୁଖ୍ୟ ହସ୍ପିଟାଲ୍‌ରେ ଏହି ଯୋଜନା ପ୍ରାୟ ବିଫଳ ହୋଇଛି। ବାରିପଦା ଓ କେଉଁଝରରେ ନିରାମୟ ଯୋଜନାରେ ମାତ୍ର ୪୦ ପ୍ରତିଶତ ରୋଗୀ ଉପକୃତ ହୋଇଥିବା ସରକାରଙ୍କ ନିକଟରେ ଅଭିଯୋଗ କରିଛି ସଚେତନ ନାଗରିକ ମଞ୍ଚ। ସମ୍ବଲପୁର ଓ ସୁନ୍ଦରଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପ୍ରତିଦିନ ରୋଗୀ ଓ ରୋଗୀ ସମ୍ପର୍କୀୟମାନଙ୍କ ଲମ୍ବା ଲାଇନ୍ ଦେଖିବାକୁ ମିଳୁଥିବା ବେଳେ ସୁନ୍ଦରଗଡ଼ରେ ଔଷଧ ଷ୍ଟକ୍ ନଥିବାରୁ କାଉଣ୍ଟର୍ ପାଖକୁ ରୋଗୀମାନେ ଯାଉ ବି ନାହାନ୍ତି। ଅଭିଯୋଗରେ ଦର୍ଶାଯାଇଛି ଯେ ନିୟମାନୁଯାୟୀ ୫୭୦ ପ୍ରକାର ଔଷଧରୁ ଏହିସବୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ମିଳୁଛି ମାତ୍ର ୨ଶହରୁ ୨୨୦ ପ୍ରକାର ଔଷଧ। ଆଉ ବିପିଏଲ୍ କାର୍ଡ ନଥିବା ରୋଗୀମାନଙ୍କୁ ଏଠି ଭଗବାନ ଭରସା। ଔଷଧ ନିଗମର ଜିଲ୍ଲା ଦାୟିତ୍ୱରେ ଥିବା ଅଧିକାରୀ କିନ୍ତୁ ସ୍ୱୀକାର କରିଛନ୍ତି ଯେ ସମ୍ପୃକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ କାର୍ଯ୍ୟ କରୁଥିବା କର୍ମଚାରୀ-ମାନେ ହିଁ ଏହି ଯୋଜନାକୁ ବାଟବଣା କରୁଛନ୍ତି। ତଦାରଖ କରାଯାଉନଥିବାରୁ ପ୍ରତିଦିନ ୫ରୁ ୮ଟି ଅଭିଯୋଗ ଆସୁଛି।

ସରକାରୀ ମେଡିକାଲ୍‌ରେ ଆବଶ୍ୟକ ୫୭୦ ପ୍ରକାର ମେଡିସିନ୍ ରଖିବା ପାଇଁ ବ୍ୟବସ୍ଥା କରାଯାଇଛି। ବିଭାଗ ପକ୍ଷରୁ ବାରମ୍ବାର ଗୁରୁତ୍ୱ ଦିଆଯାଇ ▶▶ ୭